# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 22 January - 2025

# ବଜେଟ୍ ଅଧିବେଶନ

ବିଧାନସଭାର ବଜେଟ ଅଧିବେଶନ ଆସନ୍ତା ମାସ ୧୩ ତାରିଖରୁ ଆରମ୍ଭ ହେବ । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଅଧିବେଶନର ପ୍ରଥମ ପର୍ଯ୍ୟାୟ ୧୩ରୁ ୨୧ ତାରିଖ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୭ ତାରିଖରୁ ଏପ୍ରିଲ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ । ଫେବୃଆରୀ ୧୭ ତାରିଖରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟଥର ଲାଗି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ ବୋଲି ଜଣାପଡ଼ିଛି ।

# ପାଲିଏଟିଭ୍ କେୟାର ସେଣ୍ଟର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଇନ୍‌ଫୋସିଟି ଅଞ୍ଚଳରେ କ୍ୟାନସର ପାଲିଏଟିଭ୍ କେୟାର ସେଣ୍ଟରର ଉଦ୍‌ଘାଟନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ୟାନସର ରୋଗର ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ । ଏହି ୧୧୦ ଶଯ୍ୟା ବିଶିଷ୍ଟ ପାଲିଏଟିଭ୍ ସେଣ୍ଟର ଜରିଆରେ କ୍ୟାନସର ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ । କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ଥିଲେ ।

## ସମବାୟ ସମିତି

ରାଜ୍ୟରେ ନବଗଠିତ ପ୍ରାଥମିକ କୃଷି ସମବାୟ ସମିତି ଏବଂ ବୃହତ ଆଦିବାସୀ ବହୁମୁଖୀ ସମବାୟ ସମିତିଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ମୂଳଧନ ବା ସିଡ୍ ମନି ପ୍ରଦାନ କରାଯିବ । ଏ ସଂପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଂଜୁରୀ ପ୍ରଦାନ କରିଛନ୍ତି ।

## ଏସ୍ଓଜି ସ୍ୱତନ୍ତ୍ର ଭତ୍ତା

ଓଡ଼ିଶା ପୋଲିସ୍ର ଏସ୍ଓଜି ଯବାନଙ୍କୁ ମିଳୁଥିବା ସ୍ୱତନ୍ତ୍ର ଭତ୍ତା ରିସ୍କ ଆଲାଉନ୍ସ କୁ ରାଜ୍ୟ ସରକାର ୮ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଆଗାମୀ ଦିନରେ ରାଜ୍ୟରେ ନକ୍ସଲ ବିରୋଧୀ ଅଭିଯାନକୁ ଆହୁରି ବ୍ୟାପକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପାରିଶ୍ରମିକ ବୃଦ୍ଧି

ପି.ଏମ୍. ପୋଷଣ ଯୋଜନାରେ ରାଜ୍ୟର ବିଦ୍ୟାଳୟ ଗୁଡ଼ିକରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତିରେ ନିୟୋଜିତ ପାଚକ, ପାଚିକାଙ୍କ ମାସିକ ପାରିଶ୍ରମିକ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ସରକାର ବୃଦ୍ଧି କରିଛନ୍ତି । ଏହା ଦ୍ୱାରା ୧ ଲକ୍ଷ ୧୨ ହଜାର ୯୦ ଜଣ ଉପକୃତ ହେବେ ।

## ଚାଉଳ ପରିବହନ ଖର୍ଚ୍ଚ

ସେହିଭଳି ପରିପୂରକ ପୁଷ୍ଟି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଚାଉଳ ଓ ଗହମ ପରି ଶସ୍ୟ ପରିବହନ ପାଇଁ କ୍ୱିଣ୍ଟାଲ ପିଛା ସର୍ବାଧିକ ମୂଲ୍ୟକୁ ୭୫ ଟଙ୍କାରୁ ୧୫୦ ଟଙ୍କାକୁ ବୃଦ୍ଧି କରିଛନ୍ତି ।

# ବେଟି ବଚାଓ-ବେଟି ପଢ଼ାଓ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ 'ବେଟି ବଚାଓ-ବେଟି ପଢ଼ାଓ' ଯୋଜନାର ଦଶ ବର୍ଷ ପୂର୍ତ୍ତି ଅବସରରେ ଆଜିଠାରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ଉଦ୍‌ଯାପିତ ହେବ।  ଦେଶରେ ଲିଙ୍ଗଗତ ସନ୍ତୁଳନକୁ ବଜାୟ ରଖିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ୨୦୧୫ ମସିହା ଜାନୁଆରୀ ୨୨ ତାରିଖରେ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଶୁଭାରମ୍ଭ କରିଥିଲେ ।

# ପୁରସ୍କାର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରରେ ୨୦ଜଣଙ୍କୁ ରାଜ୍ୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ବିକଶିତ ଓଡ଼ିଶା ଓ  ସ୍ୱପ୍ନର ଓଡ଼ିଶା ନିର୍ମାଣ କରିବାରେ ସଶକ୍ତ ଯୁବ ନେତୃତ୍ୱର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ସାହାଯ୍ୟ ସହଯୋଗରେ ସଶକ୍ତ ସମାଜ ନିର୍ମାଣ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

# ଝାଡ଼ାବାନ୍ତି

ପୁରୀ ଜିଲ୍ଲା କଣାସ ବ୍ଲକରେ ଝାଡ଼ାବାନ୍ତି ରେ ଏପର୍ଯ୍ୟନ୍ତ ମୋଟ୍ ୮୩ ଜଣ ଆକ୍ରାନ୍ତ ହୋଇଥିବା ଜଣାଯାଇଛି । ସେମାନଙ୍କ ମଧ୍ୟରୁ ୭୬ ଜଣ ସୁସ୍ଥ ହୋଇ ସାରିଛନ୍ତି । ରାଜ୍ୟ ପର୍ଯ୍ୟବେକ୍ଷଣ ୟୁନିଟ୍ ଡାଇରିଆ ନିୟନ୍ତ୍ରଣ ପାଇଁ

ଜିଲ୍ଲା କର୍ତ୍ତୃପକ୍ଷଙ୍କୁ, ସକ୍ରିୟ ପର୍ଯ୍ୟବେକ୍ଷଣ, ଜୀବାଣୁ ମୁକ୍ତିକରଣ ଏବଂ ସମୟୋଚିତ ଚିକିତ୍ସା ନିମନ୍ତେ ପରାମର୍ଶ ଦେଇଛନ୍ତି ।

## ଦର୍ଶନ ବ୍ୟବସ୍ଥା

ଆଗାମୀ ଗ୍ରୀଷ୍ମଋତୁରେ ପୁରୀ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଛି । ଏ ସଂପର୍କରେ ଗତକାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକ ପରେ ଜିଲ୍ଲାପାଳ କହିଛନ୍ତି :

**V/O**

## ମାଣ୍ଡିଆ

ଖରିଫ୍ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଅବଧିକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ କୃଷକ ସଂଗଠନ, ପ୍ୟାକ୍ସ, ଲ୍ୟାମ୍ପ୍ସ ତଥା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାର୍ଯ୍ୟ ତାରିଖ ସୁଦ୍ଧା ପଞ୍ଜୀକରଣ କରାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି । ଚଳିତବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଗତକାଲି ଓଡ଼ିଶା ୱାରିଅର୍ସ’ ସୁରମା ହକି କ୍ଲବକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ଏହା ସହ ଓଡ଼ିଶା ୱାରିଅର୍ସ ପଏଣ୍ଟ ଟେବୁଲ୍‌ରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି । ଏହି

ବର୍ଗରେ ଆଜି ରାଞ୍ଚିରେ ରାର୍ ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ହେବ । ସେହିପରି ପୁରୁଷ ବର୍ଗରେ ୟୁପି ରୁଦ୍ରାସ ଗତକାଲି ଗୋନାସିକା ଦଳକୁ ପରାସ୍ତ କରିଥିଲା । ଆଜି ଦିଲ୍ଲୀ ଏସ୍.ଜି. ପାଇପର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ ।